# NATIONAL NEWS BULLETIN (ODIA)
## 29 December - 2024
## Morning Bulletin : 7.15 a.m.

*********************************

## ମୁଖ୍ୟ ସମ୍ବାଦ

- ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଆଜି ପୂର୍ବାହ୍ନ ୧୧ଟାରେ ଦେଶବାସୀଙ୍କ ସହ ଭାବବିନିମୟ କରିବେ ପ୍ରଧାନମନ୍ତ୍ରୀ ।
- ଭାରତୀୟ ମହାକାଶ ଗବେଷଣା ସଂସ୍ଥା ଇସ୍ରୋ ଆସନ୍ତାକାଲି ଉତ୍କ୍ଷେପଣ କରିବ ସ୍ପେସ୍ ଡକିଂ ପରୀକ୍ଷଣ-ସ୍ପେଡେକ୍ସ ।
- ପ୍ରବଳ ବରଫପାତ ଯୋଗୁଁ ଶ୍ରୀନଗର-ଜାମ୍ମୁ ୪୪ନମ୍ବର ଜାତୀୟ ରାଜପଥରେ ଯାତାୟତ ବାଧାପ୍ରାପ୍ତ ।
- ମୁମ୍ବାଇ ଓ ଥାନେରେ ଆସନ୍ତାବର୍ଷ ଜାନୁଆରୀ ୧୦ରୁ ଆରମ୍ଭ ହେବ ୨୧ତମ ଥାର୍ଡ ଆଇ ଏସୀୟ ଚଳଚ୍ଚିତ୍ର ମହୋତ୍ସବ ।

ଏବଂ

- ବର୍ଡର-ଗାଭାସ୍କର ଟ୍ରଫିର ଚତୁର୍ଥ ଟେଷ୍ଟମ୍ୟାଚ୍‌ର ଚତୁର୍ଥ ଦିନରେ ଆଜି ଦ୍ୱିତୀୟ ଇନିଂସ୍ ଆରମ୍ଭ କରିଛି ଅଷ୍ଟ୍ରେଲିଆ ।

## ପିଏମ୍-ମନ୍ କି ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ପୂର୍ବାହ୍ନ ୧୧ଟା ବେଳେ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେବେ । ଏହା ମାସିକ ରେଡିଓ କାର୍ଯ୍ୟକ୍ରମ ମନ୍‌କି ବାତର ୧୧୭ତମ ସଂସ୍କରଣ ହେବ । ଏହି କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ ନେଟୱାର୍କ, ଆକାଶବାଣୀ ୱେବ୍‌ସାଇଟ୍ ଓ Newsonair ମୋବାଇଲ୍ App ରେ ଉପଲବ୍ଧ ହେବ । ଏହା ମଧ୍ୟ ଆକାଶବାଣୀ, DD News, PMO ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ସିଧା ପ୍ରସାରଣ ହେବ । ହିନ୍ଦୀ ଭାଷାରେ ପ୍ରସାରଣ ପରେ ପରେ ଆକାଶବାଣୀରେ ଏହି କାର୍ଯ୍ୟକ୍ରମର ଆଞ୍ଚଳିକ ଭାଷାନ୍ତରଣ ପ୍ରସାରଣ କରାଯିବ । ରାତି ୮ଟାରେ ଆଞ୍ଚଳିକ ଭାଷାନ୍ତରଣର ପୁନଃ ପ୍ରସାରଣ କରାଯିବ ।

## ଇସ୍ରୋ-ସ୍ପେଡେକ୍ସ

ଭାରତୀୟ ମହାକାଶ ଗବେଷଣା ସଂସ୍ଥା ଇସ୍ରୋ ଆସନ୍ତାକାଲି ସ୍ପେସ୍, ଡକିଂ ପରୀକ୍ଷଣ-ସ୍ପେଡେକ୍ସ ଉତ୍‌କ୍ଷେପଣ କରିବ । ଏକ ସାକ୍ଷାତ୍‌କାରରେ ମହାକାଶ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ କହିଛନ୍ତି ଇସ୍ରୋର ବର୍ଷଶେଷ

ଅଭିଯାନ ଏକ ଐତିହାସିକ ଅଭିଯାନ ହେବ । କାରଣ ଏହା ମହାକାଶରେ ୨ଟି ଉପଗ୍ରହକୁ ଡକିଂ ଅର୍ଥାତ୍ ସଂଯୋଗ କରାଇବା କ୍ଷେତ୍ରରେ ବିରଳ ସଫଳତା ହାସଲ କରିବ । ମହାକାଶରେ ଡକିଂରେ ପାରଦର୍ଶିତା ହାସଲ କରିବାରେ ସକ୍ଷମ ରାଷ୍ଟ୍ରମାନଙ୍କ ତାଲିକାରେ ଭାରତ ସାମିଲ ହେବ ବୋଲି ଡକ୍ଟର ସିଂହ କହିଛନ୍ତି । ଏହି ଜଟିଳ କାର୍ଯ୍ୟକୁ ରୂପ ଦେବାପାଇଁ ଇସ୍ରୋ ପିଏସ୍ଏଲ୍ଭି ରକେଟ୍ ସହାୟତାରେ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ୨ଟି ସାଟେଲାଇଟ୍‌କୁ ଉତ୍କ୍ଷେପଣ କରିବ ।

## ହାଇୱେ ଏନ୍ଏଚ୍୪୪-କ୍ଲୋଜ୍ଡ

ଶ୍ରୀନଗର-ଜାମ୍ମୁ ୪୪ନମ୍ବର ଜାତୀୟ ରାଜପଥକୁ ପ୍ରବଳ ବରଫପାତ ଯୋଗୁଁ ବନ୍ଦ କରିଦିଆଯାଇଛି । ଟ୍ରାଫିକ ବିଭାଗର ଜଣେ ମୁଖପାତ୍ର କହିଛନ୍ତି ବରଫପାତ ଯୋଗୁଁ ସେହି ରାସ୍ତାର ବିଭିନ୍ନ ସ୍ଥାନରେ ବରଫ ଜମା ହୋଇ ରହିବା ଏବଂ ରାସ୍ତା ଖସଡା ହୋଇଥିବାରୁ ଉଭୟପଟୁ ଯାତାୟତ ବନ୍ଦ କରାଯାଇଛି । ସେ କହିଛନ୍ତି ସମ୍ପୃକ୍ତ ରାଜପଥ କଡରେ ଥିବା କାଜିଗୁଣ୍ଡ ସେକ୍ସନରେ ବିପୁଳ ପରିମାଣର ବରଫ ଜମା ହୋଇଛି । ଏବଂ କଟର ମେସିନ୍ ସାହାଯ୍ୟରେ ବରଫ ସଫା କରାଯାଇଛି । ପାଣିପାଗର ପରିବର୍ତ୍ତନ ନହେବା ପର୍ଯ୍ୟନ୍ତ କିମ୍ବା ସମ୍ପୂର୍ଣ୍ଣ ବରଫ ନ ହଟାଯିବା ପର୍ଯ୍ୟନ୍ତ ଯାନବାହନ ଚଳାଚଳକୁ ଅନୁମତି ଦିଆଯିବ ନାହିଁ ।

ସୂଚନା ଅନୁଯାୟୀ ସଂପୃକ୍ତ ରାସ୍ତାରେ ଏକହଜାର ୩୦୦ରୁ ଅଧିକ ଭାରି ମୋଟରଯାନ ଅଟକି ରହିଛି । କୌଣସି ପ୍ରକାର ଦୁର୍ଘଟଣାକୁ ଏଡାଇବା ପାଇଁ ଅଟକି ରହିଥିବା ଗାଡ଼ିଗୁଡ଼ିକୁ ପର୍ଯ୍ୟାୟକ୍ରମେ ଯାତାୟତ କରିବାକୁ ଅନୁମତି ଦିଆଯାଇଛି । ଆଜି ସକାଳେ ଆବଶ୍ୟକ ଅନୁମତି ମିଳିବା ପରେ ଟ୍ରାଫିକ ପୁର୍ନଉଦ୍ଧାର ନେଇ ସମୀକ୍ଷା କରାଯିବ । ଅନ୍ୟପକ୍ଷରେ ଦକ୍ଷିଣ କାଶ୍ମୀରର ସୋପିଆନ ଜିଲ୍ଲାକୁ ଜାମ୍ମୁ ଅଞ୍ଚଳର ରାଜୌରୀ ଏବଂ ପୁଞ୍ଚ ଜିଲ୍ଲା ସହ ସଂଯୋଗ କରୁଥିବା ଶ୍ରୀନଗର-ଲେହ ରାଜପଥ ଏବଂ ମୁଗଲ ରୋଡ଼ ତୁଷାରପାତ ଯୋଗୁଁ ବନ୍ଦ ରହିଛି । ରାସ୍ତାର ସ୍ଥିତି ବିଷୟରେ ନିଶ୍ଚିତ ହେବା ପରେ ଯାତ୍ରା କରିବାକୁ ପରାମର୍ଶ ଦିଆଯାଇଛି ।

## ଇୟର ଏଣ୍ଡର ଫାଇନାନ୍ସ

୨୦୨୪ ମସିହା ଶେଷ ହେବାକୁ ଯାଉଛି । ଆକାଶବାଣୀ ସମାଚାର ବିଭାଗ କେନ୍ଦ୍ର ସରକାରଙ୍କ ବିଭିନ୍ନ ମନ୍ତ୍ରଣାଳୟର ପ୍ରମୁଖ କାର୍ଯ୍ୟାବଳୀ ଉପରେ ଝଲକ ପ୍ରସ୍ତୁତ କରୁଛି । ଆଜି ଆସନ୍ତୁ ଶୁଣିବା ଅର୍ଥ ମନ୍ତ୍ରଣାଳୟର ପ୍ରମୁଖ ପଦକ୍ଷେପ ଏବଂ ଉପଲବ୍ଧି ସମ୍ପର୍କରେ ।

ଅର୍ଥ ମନ୍ତ୍ରଣାଳୟ ଅଭିନବ ଆର୍ଥିକ ପରିଚାଳନା ଏବଂ ନୀତିଗତ ସଂସ୍କାର ମାଧ୍ୟମରେ କ୍ରମାଗତ ଭାବରେ ବିତ୍ତୀୟ ଶାସନ ଓ ଜନକଲ୍ୟାଣ

ବ୍ୟବସ୍ଥାରେ ଉନ୍ନତି ଆଣିଛି । ପବ୍ଲିକ ଫାଇନାନ୍ସିଆଲ ମ୍ୟାନେଜମେଣ୍ଟ ସିଷ୍ଟମ ଜରିଆରେ ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତରଣ ଯୋଜନାର କାର୍ଯ୍ୟକାରୀତା ଯୋଗୁଁ ଡିଜିଟାଲ ଇଣ୍ଡିଆ ଅଭିଯାନ ସଫଳ ହୋଇଛି । ଚଳିତ ଆର୍ଥିକ ବର୍ଷରେ ୧ହଜାର ୨୦୬ଟିରୁ ଅଧିକ ଯୋଜନାରେ ସ୍ୱଚ୍ଛ ଭାବରେ ପାଣ୍ଠି ହସ୍ତାନ୍ତରଣ ହୋଇଛି । ଆସନ୍ତାବର୍ଷ ଏପ୍ରିଲରେ କାର୍ଯ୍ୟକାରୀ ହେବାକୁ ଥିବା ଏକୀକୃତ ପେନ୍‌ସନ ଯୋଜନା ସହିତ ସରକାରୀ କର୍ମଚାରୀଙ୍କ ପାଇଁ ସାମାଜିକ ସୁରକ୍ଷା ସଂସ୍କାର ସଫଳଭାବେ ଲାଗୁ କରିବା ଲାଗି ପଦକ୍ଷେକ ଗ୍ରହଣ କରାଯାଇଛି । ଏହି ଯୋଜନା ଅବସରପ୍ରାପ୍ତ କର୍ମଚାରୀଙ୍କ ପାଇଁ ନିଶ୍ଚିତ ପେନ୍‌ସନ ସୁବିଧା ପ୍ରଦାନ କରିବ ।

ଆର୍ଥିକ ଅନ୍ତର୍ଭୁକ୍ତିକରଣ ଚଳିତ ବର୍ଷରେ ଅର୍ଥ ମନ୍ତ୍ରଣାଳୟର ସର୍ବୋଚ୍ଚ ପ୍ରାଥମିକତା ରହିଥିଲା ଏବଂ ଏ କ୍ଷେତ୍ରରେ ପ୍ରଧାନମନ୍ତ୍ରୀ ଜନଧନ ଯୋଜନା, ସୁରକ୍ଷା ବୀମା ଯୋଜନା, ମୁଦ୍ରା ଏବଂ ଷ୍ଟାଣ୍ଡ୍ ଅପ୍ ଇଣ୍ଡିଆ ଭଳି ପଦକ୍ଷେପ ଗୁରୁତ୍ୱ ବହନ କରିଥିଲା । କୃଷି କ୍ଷେତ୍ରରେ ମନ୍ତ୍ରଣାଳୟର ଋଣ ବିତରଣକୁ ସହଜ କରାଯାଇ ଚଳିତ ଆର୍ଥିକ ବର୍ଷରେ ୨୪ଲକ୍ଷ କୋଟିରୁ ଅଧିକ ଟଙ୍କା ଆବଣ୍ଟନ କରାଯାଇଛି ।

## ଏସିଆ ଫିଲ୍ମ ଫେଷ୍ଟିଭାଲ

୨୧ତମ ଥାର୍ଡ ଆଇ ଏସୀୟ ଚଳଚ୍ଚିତ୍ର ମହୋତ୍ସବ ଆସନ୍ତାବର୍ଷ ଜାନୁଆରୀ ୧୦ରୁ ୧୬ ତାରିଖ ପର୍ଯ୍ୟନ୍ତ ମୁମ୍ବାଇ ଓ ଥାନେରେ ଅନୁଷ୍ଠିତ ହେବ । ମହୋତ୍ସବ ପାଇଁ ଚୟନ ହୋଇଥିବା ୬୧ଟି ଚଳଚ୍ଚିତ୍ର ଅନ୍ଧେରୀ, ସିଓନ ଏବଂ ଥାନେର ମୁଭିମାକ୍ସ ସିନେମା ହଲ୍‌ରେ ପ୍ରଦର୍ଶିତ ହେବ । କାନ୍ସ ଚଳଚ୍ଚିତ୍ର ଉତ୍ସବରେ ଅନ୍‌ସର୍ଟନ ରିଗାର୍ଡ ବିଭାଗରେ ଶ୍ରେଷ୍ଠ ଚଳଚ୍ଚିତ୍ର ପୁରସ୍କାର ପାଇଥିବା ଚାଇନିଜ୍ ଚଳଚ୍ଚିତ୍ର 'ଦ ବ୍ଲାକ୍ ଡଗ୍' ପ୍ରଦର୍ଶନ ସହ ଏହି ମହୋତ୍ସବ ଆରମ୍ଭ ହେବ । ଏଥିରେ ପ୍ରସିଦ୍ଧ ଗୀତିକାର ଜାଭେଦ ଅଖତରଙ୍କୁ ଏସୀୟ ଚଳଚ୍ଚିତ୍ର ସଂସ୍କୃତି ପୁରସ୍କାର ଏବଂ ସାମ୍ବାଦିକ ରଫିକ୍ ବାଗଦାଦିଙ୍କୁ ସତ୍ୟଜିତ୍ ରାୟ ସ୍ମାରକୀ ପୁରସ୍କାର ପ୍ରଦାନ କରାଯିବ ।

## ଆନ୍ନା-ଇନ୍‌କ୍ୱାରୀ କମିଟି

ଚେନ୍ନାଇର ଆନ୍ନା ବିଶ୍ୱବିଦ୍ୟାଳୟରେ ହୋଇଥିବା ଯୌନ ନିର୍ଯ୍ୟାତନା ଘଟଣାର ତଦନ୍ତ ପାଇଁ ଜାତୀୟ ମହିଳା ଆୟୋଗ ଅଧ୍ୟକ୍ଷା ବିଜୟା ରାହତକର ଏକ ଫ୍ୟାକ୍ଟ ଫାଇଣ୍ଡିଂ କମିଟି ଗଠନ କରିଛନ୍ତି । ଆୟୋଗ ପକ୍ଷରୁ କୁହାଯାଇଛି ଦୁଇଜଣିଆ କମିଟି ଘଟଣାର କାରଣ ଅନୁଧ୍ୟାନ କରିବେ ଏବଂ କର୍ତ୍ତୃପକ୍ଷଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ପଦକ୍ଷେପର

ଆକଳନ କରିବେ । ଏଥିରେ ସଂପୃକ୍ତ ଅଧିକାରୀ, ପୀଡିତା, ପରିବାର, ବନ୍ଧୁ ଏବଂ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସହ ଆଲୋଚନା କରି ଘଟଣାର ପୁନରାବୃତ୍ତି ରୋକିବା ପାଇଁ ପଦକ୍ଷେପ ନେବାକୁ ପ୍ରସ୍ତାବ ଦିଆଯିବ । କମିଟିରେ ଜାତୀୟ ମହିଳା ଆୟୋଗର ସଦସ୍ୟା ମମତା କୁମାରୀ ଏବଂ ମହାରାଷ୍ଟ୍ରର ପୂର୍ବତନ ପୁଲିସ ମହାନିର୍ଦ୍ଦେଶକ ପ୍ରବୀଣ ଦୀକ୍ଷିତ୍ ସଦସ୍ୟ ଅଛନ୍ତି ।

## ଗୁକେଶ-ପିଏମ୍ ମିଟ୍

ଚେସ୍ ଚମ୍ପିଆନ ଗୁକେଶ ଡି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଗତକାଲି ସାକ୍ଷାତ୍ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ପ୍ରଧାନମନ୍ତ୍ରୀ ଗୁକେଶ ଡିଙ୍କ ସଂକଳ୍ପ ଏବଂ ସମର୍ପଣକୁ ପ୍ରଶଂସା କରି କହିଛନ୍ତି, ତାଙ୍କ ଆତ୍ମବିଶ୍ୱାସ ବାସ୍ତବରେ ପ୍ରେରଣାଦାୟକ ଥିଲା । ପ୍ରଧାନମନ୍ତ୍ରୀ କହିଛନ୍ତି ଗୁକେଶ ଶାନ୍ତି ଏବଂ ନମ୍ରତାର ପ୍ରତୀକ ଅଟନ୍ତି । ଗୁକେଶଙ୍କ ପିତାମାତାଙ୍କ ଅତୁଳନୀୟ ସମର୍ଥନକୁ ପ୍ରଧାନମନ୍ତ୍ରୀ ପ୍ରଶଂସା କରିବା ସହ ପ୍ରତ୍ୟେକ କ୍ରୀଡ଼ାବିତ୍ଙ୍କ ସଫଳତାରେ ପିତାମାତାଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା କହିଛନ୍ତି ।

## ଦିଲ୍ଲୀ-ଉପରାଜ୍ୟପାଳ ଏନ୍‌କ୍ୱାରି

ଦିଲ୍ଲୀରେ ପ୍ରସ୍ତାବିତ ମହିଳା ସମ୍ମାନ ଯୋଜନା ପାଇଁ ବେସରକାରୀ ଲୋକଙ୍କ ଦ୍ୱାରା ଦିଲ୍ଲୀ ବାସିନ୍ଦାଙ୍କ ବ୍ୟକ୍ତିଗତ ତଥ୍ୟ ସଂଗ୍ରହ ଅଭିଯୋଗର ତଦନ୍ତ  କରିବାକୁ ଉପରାଜ୍ୟପାଳ ବିନୟ କୁମାର ସାକ୍‌ସେନା ନିର୍ଦ୍ଦେଶ ଦେଇଛନ୍ତି । ନାଗରିକଙ୍କ ଗୋପନୀୟତା ଉଲ୍ଲଙ୍ଘନ କରୁଥିବା ଅଭିଯୋଗରେ ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଉପରାଜ୍ୟପାଳ କହିଛନ୍ତି । ପୁଲିସ୍ କମିଶନର ଏ ନେଇ କ୍ଷେତ୍ର ଅଧିକାରୀଙ୍କୁ ଆବଶ୍ୟକ ନିର୍ଦ୍ଦେଶ ପ୍ରଦାନ କରିପାରିବେ ବୋଲି ଉପରାଜ୍ୟପାଳ କହିଛନ୍ତି । ସରକାରୀ ଯୋଜନାରେ ନାମ ପଞ୍ଜିକରଣ କରିବା ପାଇଁ ଶିବିର ଆୟୋଜନ ମାଧ୍ୟମରେ ବେସରକାରୀ ବ୍ୟକ୍ତିବିଶେଷ ଦିଲ୍ଲୀ ବାସିନ୍ଦାଙ୍କର ବ୍ୟକ୍ତିଗତ ତଥ୍ୟ ସଂଗ୍ରହ କରୁଥିବା ନେଇ ଅଭିଯୋଗ ପରିପ୍ରେକ୍ଷୀରେ ଉପରାଜ୍ୟପାଳ ଏହି ନିର୍ଦ୍ଦେଶ ଦେଇଛନ୍ତି ।

## ଆର୍ମି ସୂର୍ଯ୍ୟ କିରଣ

ବାଟାଲିୟନ୍ ସ୍ତରୀୟ ମିଳିତ ସାମରିକ ଅଭ୍ୟାସ ସୂର୍ଯ୍ୟ କିରଣର ୧୮ତମ ସଂସ୍କରଣରେ ଅଂଶଗ୍ରହଣ କରିବା ପାଇଁ ଭାରତୀୟ ସେନାର ୩୩୪

ଜଣିଆ ଦଳ ନେପାଳ ଗସ୍ତ କରିଛି । ଆସନ୍ତା ୩୧ ତାରିଖରୁ ଜାନୁଆରୀ ୧୩ ତାରିଖ ପର୍ଯ୍ୟନ୍ତ ନେପାଳର ସାଲ୍‌ଝାଣ୍ଡି ଠାରେ ଏହି ସାମରିକ ଅଭ୍ୟାସ ଅନୁଷ୍ଠିତ ହେବ । ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ମିଳିତ ଜାତିସଂଘ ଚାର୍ଟର୍ ଅନୁଯାୟୀ ଜଙ୍ଗଲ ଯୁଦ୍ଧ, ପାହାଡ଼ିଆ ଅଞ୍ଚଳରେ ଆତଙ୍କବାଦ ବିରୋଧୀ ଅଭିଯାନ ଏବଂ ମାନବିକ ସହାୟତା ଓ ବିପର୍ଯ୍ୟୟ ପରିସ୍ଥିତିରେ ରିଲିଫ୍ ପ୍ରଦାନ କ୍ଷେତ୍ରରେ ଆନ୍ତଃ କାର୍ଯ୍ୟକ୍ଷମତା ବୃଦ୍ଧି କରିବା ଲକ୍ଷ୍ୟରେ ଏଭଳି ସମରାଭ୍ୟାସର ଆୟୋଜନ କରାଯାଇଛି । ପରିଚାଳନାଗତ ପ୍ରସ୍ତୁତି, ଡାକ୍ତରୀ ପ୍ରଶିକ୍ଷଣ, ପରିବେଶ ସଂରକ୍ଷଣ ଏବଂ ବିମାନ ଚଳାଚଳ ଆଦି ବିଭିନ୍ନ କ୍ଷେତ୍ର ଉପରେ ଏହି ଅଭ୍ୟାସରେ ଗୁରୁତ୍ୱ ପ୍ରଦାନ କରାଯିବ ବୋଲି ପ୍ରତିରକ୍ଷା ମନ୍ତ୍ରଣାଳୟ ସୂଚନା ଦେଇଛି । ଭାରତ ଏବଂ ନେପାଳ ମଧ୍ୟରେ ବନ୍ଧୁତା, ବିଶ୍ୱାସ ଏବଂ ସାଧାରଣ ସାଂସ୍କୃତିକ ଦୃଢ଼ ସମ୍ପର୍କର ଏହା ଏକ ପ୍ରତିଫଳନ ବୋଲି ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି ।

## ପାକିସ୍ତାନ-ଆଫଗାନିସ୍ତାନ

ଆଫ୍‌ଗାନିସ୍ତାନ ଏବଂ ପାକିସ୍ତାନ ସୀମା ପାର ସଂଘର୍ଷରେ ୧୯ ଜଣ ପାକିସ୍ତାନୀ ସୈନିକଙ୍କର ମୃତ୍ୟୁ ହୋଇଛି । ଆଫ୍‌ଗାନିସ୍ତାନର ତିନି ଜଣ

ନାଗରିକଙ୍କର ମଧ୍ୟ ମୃତ୍ୟୁ ହୋଇଥିବା ଜଣାପଡ଼ିଛି । ପୂର୍ବ ଆଫ୍‌ଗାନିସ୍ତାନର ସୀମାବର୍ତ୍ତି ଖୋଷ୍ଟ ଏବଂ ପକ୍ତିକା ଅଞ୍ଚଳରେ ଦୁଇ ଦେଶ ମଧ୍ୟରେ ପ୍ରବଳ ସଂଘର୍ଷ ଜାରି ରହିଥିବା ସୂଚନା ମିଳିଛି । ଆଫ୍‌ଗାନିସ୍ତାନ ସେନାର ଆକ୍ରମଣରେ ଅଲି ଶିର୍ ଜିଲ୍ଲାରେ ପାକିସ୍ତାନ ସାମରିକ ପୋଷ୍ଟଗୁଡ଼ିକରେ ନିଆଁ ଲାଗି ଯାଇଥିଲା । ଅନ୍ୟ ପକ୍ଷରେ ଦଣ୍ଡ-ଏ-ପାଟନା ଠାରେ ପାକିସ୍ତାନୀ ସୈନିକଙ୍କ ଗୁଳିରେ ତିନି ଜଣ ଆଫ୍‌ଗାନ ନାଗରିକଙ୍କର ମୃତ୍ୟୁ ହୋଇଛି ।

## ହକି ଇଣ୍ଡିଆ ଲିଗ୍

ହକି ଇଣ୍ଡିଆ ଲିଗ୍ ୨୦୨୪-୨୫ ଗତକାଲିଠାରୁ ରାଉରକେଲାର ବିର୍ସାମୁଣ୍ଡା ହକି ଷ୍ଟାଡିୟମଠାରେ ଆରମ୍ଭ ହୋଇଛି । ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବାକୁଥିବା ଏହି ପ୍ରତିଯୋଗିତାର ପ୍ରଥମ ପର୍ଯ୍ୟାୟ ଆସନ୍ତା ମାସ ୧୮ ତାରିଖ ପର୍ଯ୍ୟନ୍ତ ଚାଲିବ । ଗତକାଲି ଅନୁଷ୍ଠିତ ମ୍ୟାଚ୍‌ରେ ଦିଲ୍ଲୀ ଏସ୍‌ଜି ପାଇପର୍ସ ୪-୨ ଗୋଲ୍‌ରେ ଗୋନାସିକା ଦଳକୁ ପରାସ୍ତ କରିଛି । ଆଜି ଭାରତୀୟ ସମୟ ସଂଧ୍ୟା ୬ଟାରେ ହାଇଦ୍ରାବାଦ ତୁଫାନ୍ସ ଏବଂ ସର୍ଚ୍ଚରାର୍ଚ୍ଚ ବେଙ୍ଗଲ ଟାଇଗର୍ସ ଏବଂ ରାତି ୮ଟା ୧୫ ମିନିଟ୍‌ରେ ସୁର୍‌ମା ହକି କ୍ଲବ ଓ ତାମିଲନାଡୁ ଡ୍ରାଗନ୍ସ ମଧ୍ୟରେ ମୁକାବିଲା ହେବ । ଆସନ୍ତା

ମାସ ୩୧ ତାରିଖରେ ଦୁଇଟିଯାକ ସେମିଫାଇନାଲ ମ୍ୟାଚ୍ ଏବଂ ଫେବୃୟାରୀ ପହିଲାରେ ଫାଇନାଲ ମ୍ୟାଚ୍ ଖେଳାଯିବ ।

## କ୍ରିକେଟ

ମେଲବୋର୍ଣ୍ଣଠାରେ ଚାଲିଥିବା ବର୍ଡର-ଗାଭାସ୍କର ଟ୍ରଫିର ଚତୁର୍ଥ ଟେଷ୍ଟମ୍ୟାଚ୍‌ର ଆଜି ଚତୁର୍ଥ ଦିନରେ ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସ୍ ଆରମ୍ଭ କରିଛି । ସମ୍ବାଦ ପ୍ରସ୍ତୁତ ହେଲାବେଳକୁ ଅଷ୍ଟ୍ରେଲିଆ ୨ଓ୍ୱିକେଟ୍ ହରାଇ ୫୩ରନ୍ ସ୍କୋର କରିଛି । ଏପର୍ଯ୍ୟନ୍ତ ଅଷ୍ଟ୍ରେଲିଆ ୧୫୮ରନ୍‌ରେ ଅଗ୍ରଣୀ ରହିଛି । ଆଜି ସକାଳେ ଭାରତ ୩୫୮ରନ୍‌ରୁ ଖେଳ ଆରମ୍ଭ କରିଥିଲେ ମଧ୍ୟ ତିନିଶହ ଅଣସ୍ତରୀ ରନ୍‌ରେ ସମସ୍ତ ଓ୍ୱିକେଟ୍ ହରାଇଥିଲା । ୫ ମ୍ୟାଚ୍ ବିଶିଷ୍ଟ ଏହି ସିରିଜ୍‌ରେ ଉଭୟ ଦଳ ଗୋଟିଏ ଲେଖାଏଁ ମ୍ୟାଚ୍ ଜିତିଥିବାବେଳେ ତୃତୀୟ ଟେଷ୍ଟ ମ୍ୟାଚ୍ ଅମୀମାଂସୀତ ରହିଥିଲା ।